# ବଲିଉଡ଼ରେ ବିଶାଳ ସାଇ ଭଜନ ସନ୍ଧ୍ୟା; ଗୁରୁଜୀଙ୍କୁ ସମ୍ବର୍ଦ୍ଧନା

ମୁମ୍ବଇ, ତା ୧୬।୫-ମୁମ୍ବଇର ଫିଲ୍ମସିଟିଠାରେ ସାଇ ପ୍ରେରଣା ଟ୍ରଷ୍ଟ ଏବଂ ଷ୍ଟାର ଟିଭିର ମିଳିତ ଆନୁକୂଲ୍ୟରେ 'ମାଲିକ ଏକ, ସୁର୍ ଅନେକ' ନାମରେ ଏକ ବିଶାଳ ସାଇ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା । ଏଥିରେ ବଲିଉଡ଼ର ବହୁ ନାମୀଦାମୀ ଫିଲ୍ମ କଳାକାର, ପ୍ରତିଷ୍ଠିତ ନିର୍ଦ୍ଦେଶକ ତଥା ସଂଗୀତଜ୍ଞମାନେ ଯୋଗଦେଇଥିବାବେଳେ ପ୍ରଥମ ଥର ପାଇଁ ଶିରିଡ଼ି ସାଇବାବାଙ୍କ ଉଦ୍ଦେଶ୍ୟରେ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ନିରଳସ ଭାବେ କାର୍ଯ୍ୟ କରୁଥିବା ବ୍ୟକ୍ତିମାନଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା ।

ଓଡ଼ିଶାର ମହାନ୍ ସାଇଭକ୍ତ ଗୁରୁଜୀ ଚନ୍ଦ୍ରଭାନୁ ଶତପଥୀଙ୍କୁ ବିପୁଳ କରତାଳି ମଧ୍ୟରେ ସର୍ବପ୍ରଥମେ ସମ୍ମାନିତ କରାଯାଇଥିଲା । ବଲିଉଡ଼ ଅଭିନେତା ବିବେକ ଓବରାୟ ସମ୍ବର୍ଦ୍ଧନା ଜ୍ଞାପନକରି କହିଲେ ଯେ ତାଙ୍କ ଭଳି ଜଣେ ନିରହଙ୍କାରୀ ଏବଂ ସରଳ ପ୍ରକୃତିର ସାଧୁଙ୍କୁ ସେ ଦେଖିନାହାନ୍ତି । ଅଭିନେତା ଜ୍ୟାକି ଶ୍ରଫ ମଧ୍ୟ ଗୁରୁଜୀଙ୍କ ପଦସ୍ପର୍ଶକରି ଆଶୀର୍ବାଦ ଭିକ୍ଷା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସାଇବାବା ସଂସ୍ଥାନ ଟ୍ରଷ୍ଟର ଅଧ୍ୟକ୍ଷ ଜୟନ୍ତ ମୂରଲିଧର ସସାଣେ, 'ଶିରିଡ଼ି କେ ସାଇବାବା' ଚଳଚ୍ଚିତ୍ରର ନିର୍ମାତା ମନୋଜ କୁମାର ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା ।

ସମ୍ବର୍ଦ୍ଧନାର ଉତ୍ତରରେ ଗୁରୁଜୀ ଶ୍ରୀ ଶତପଥୀ ଶିରିଡ଼ି ସାଇବାବା ତାଙ୍କର ଭକ୍ତମାନଙ୍କ ପାଇଁ ଯେଉଁ କଷ୍ଟ ବହନ କରିଥିଲେ ତାହାର ଅବତାରଣା କରି କହିଲେ ଯେ ମହମ୍ମଦ, ମୋଜେସ, ଭଗବାନ ଶ୍ରୀକୃଷ୍ଣ, ଯିଶୁଖ୍ରୀଷ୍ଟ ଏବଂ ବୁଦ୍ଧଙ୍କ ଭଳି ଶିରିଡ଼ି ସାଇବାବାଙ୍କ ଅବତାର ୬୦୦ ବର୍ଷ ପର୍ଯ୍ୟନ୍ତ ଲୀଳାଖେଳା କରିବ । ଏହା ସହ ସେ ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ଘୋଷଣା କରିଥିଲେ ଯେ ଶିଖ ଧର୍ମରେ ଯେପରି ଗୁରୁଙ୍କୁ ନେଇ ସିଂହ ସାଙ୍ଗ୍ଧାରୀ ସମ୍ପ୍ରଦାୟ ସୃଷ୍ଟି ହୋଇଛି, ସମୟ ଆସିବ, ସେହିଭଳି ସାଇଙ୍କ ନାମରେ ଏକ ନୂଆ ସାଙ୍ଗ୍ଧାରୀ ସମ୍ପ୍ରଦାୟର ସୃଷ୍ଟି ହେବ ।

ବଲିଉଡ଼ର ଶତାଧିକ କଳାକାରଙ୍କ ଉପସ୍ଥିତିରେ ପ୍ରଖ୍ୟାତ କଣ୍ଠଶିଳ୍ପୀ ଜଗଜିତ୍ ସିଂହ, ସୁରେଶ ଓ୍ୱାଦେକର, ଅମିତ ସାକ୍ସେନା, ସୋନୁ ନିଗମ, ଶ୍ରେୟା ଘୋଷାଲ ପ୍ରମୁଖ ମନଛୁଆଁ ଭଜନ ପରିବେଷଣ କରିଥିଲେ । ଏହି କାର୍ଯ୍ୟକ୍ରମରୁ ଲବ୍ଧ ଅର୍ଥକୁ ଗରିବ ଲୋକଙ୍କୁ ମାଗଣା ଭୋଜନ କାର୍ଯ୍ୟକ୍ରମରେ ବିନିଯୋଗ କରାଯିବ ବୋଲି ଘୋଷଣା କରାଯାଇଥିଲା ।

Source: THE SAMAJA (17.05.11)